## ପ୍ରେମ ନିବେଦନ କରି ଅଡୁଆରେ ୨ ଅଧ୍ୟାପକ

**ଭଦ୍ରକ ଅଫିସ:** ଭଦ୍ରକର ଏକ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ୨ ଅଧ୍ୟାପକ ପ୍ରେମ ନିବେଦନ କରି ଅଡୁଆରେ ପଡ଼ିଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ ଅଧକ୍ଷ ମହାବିଦ୍ୟାଳୟର ଯୌନ ନିର୍ଯାତନା ସେଲ୍‌ର ୪ ଜଣିଆ ସଦସ୍ୟଙ୍କୁ ଆସନ୍ତା ୧୮ ତାରିଖ ସୁଦ୍ଧା ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଛାତ୍ରୀ ଜଣଙ୍କ ଅଧକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ବେଳେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନ ନେଲେ ସେ ଥାନାର ଆଶ୍ରୟ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ ଅଫିସ,୧୫।୨**-ଭଦ୍ରକର ଶହୀଦ ଭଗତସେନା ଓ ଅବସରପ୍ରାପ୍ତ ସୈନିକ ସଂଘର ମିଳିତ ଆନୁକୂଲ୍ୟରେ ପୁଲୱାମାର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନୂଆବଜାର ସ୍ଥିତ ଶିବମନ୍ଦିର ପରିସରରେ ଆୟୋଜିତ ସଭାରେ ଭଗତସେନାର ଆବାହକ ସୀତାଂଶୁ ମହାପାତ୍ର ଓ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ ରାୟ ଶହୀଦ ଭଗତ ସିଂଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା

**ବାଲିଆପାଳ,୧୫।୨(ସ୍ୱ.ପ୍ର.)**- ବାଲେଶ୍ୱର ଜିଲା ବାଲିଆପାଳ ଥାନା ବଡ଼ତାଳପଦା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି ସାହୁ ହାସିମପୁରସ୍ଥିତ ଘରେ ସୋମବାର ଭୋର ସମୟରେ ଶାଢ଼ୀରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଳପଦା ଗ୍ରାମରେ ତାଙ୍କର ପ୍ରଥମେ ଘର ଥିଲା। ତେଣୁ ସେଠାରେ ସେ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାକିରି କରୁଥିଲେ। ୮ବର୍ଷ ତଳେ ହାସିମପୁରରେ ଜାଗା କିଣି ଘର କରି ପରିବାର ସହ ରହିଆସୁଥିଲେ ବୋଲି ସ୍ୱାମୀ ଭଜହରି ସାହୁ କହିଛନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭଲ ସମ୍ପର୍କରେ ପରିବାର ଚାଲିଥିଲା ବୋଲି ପଡ଼ୋଶୀମାନେ କହିଛନ୍ତି। ତାଙ୍କର ୧୧ବର୍ଷର ଏକ ପୁଅ ଅଛନ୍ତି। ବାଲିଆପାଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ଗୋରୁ ବୋଝେଇ ପିକ୍‌ଅପ୍ ଜବତ: ୨ ମୃତ, ୧୪ ଉଦ୍ଧାର

**ବାସୁଦେବପୁର, ୧୫।୨ (ଡି.ଏନ.ଏ.)**- ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବେତଡ଼ା ନିକଟସ୍ଥ ଅଞ୍ଚଳରୁ ସ୍ଥାନୀୟ ଯୁବକ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ସୋମବାର ଜବତ କରି ବାସୁଦେବପୁର ଥାନାରେ ଜିମା ଦେଇଛନ୍ତି। ପିକଅପ୍‌ରେ ୧୬ଟି ଗୋରୁ ଥିବାବେଳେ ଅଣନିଃଶ୍ୱାସୀ ହୋଇ ଗୋଡ଼ବନ୍ଧା ଅବସ୍ଥାରେ ୨ ଗୋରୁଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ବଳଦ, ଗାଈ, ବାଛୁରୀଙ୍କୁ ଜୀବିତ ଉଦ୍ଧାର କରାଯାଇଛି। ୧୪ ଅସୁସ୍ଥ ଗୋରୁଙ୍କୁ ସ୍ଥାନୀୟ ଲୋକେ ଖାଦ୍ୟପାନୀୟ ଦେବା ସହ ପ୍ରାଥମିକ ଚିକିତ୍ସା କରାଇଛନ୍ତି। ମୃତ ଦୁଇ ଗୋରୁଙ୍କୁ ବାସୁଦେବପୁର ପୌରପାଳିକାର ସଫେଇ କର୍ମଚାରୀଙ୍କ ସହାୟତାରେ ଡମ୍ପିଂୟାର୍ଡ଼ରେ ସତ୍କାର କରାଯାଇଛି। ଏ ନେଇ ବଜରଙ୍ଗ ଦଳ ପକ୍ଷରୁ ରଞ୍ଜନ କୁମାର ମଲିକଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ଏକ ମାମଲା(ନଂ. ୫୬/୨୧) ରୁଜୁ ହୋଇଛି। ପିକ୍‌ଅପ୍ ଡ୍ରାଇଭର ପିପିଲି ଅଞ୍ଚଳର ମହମ୍ମଦ ମୁଜାମିଲଙ୍କୁ ଗିରଫ କରିଛି ପୋଲିସ। ଜାରକା ଅଞ୍ଚଳରୁ ଏହି ପିକ୍‌ଅପ୍‌ରେ ବାଲେଶ୍ୱର ବାରିକପୁର ଅଭିମୁଖେ ଗୋରୁଙ୍କୁ ନିଆଯାଉଥିଲା ବୋଲି ସେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଘଟଣାର ଅଧିକ ତଦନ୍ତ କରାଯାଉଥିବା ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁ କହିଛନ୍ତି।

# ଖାଁ ଖାଁ ସାନଘାଗରା

**କେନ୍ଦୁଝର,୧୫।୨ (ସ୍ୱ.ପ୍ର.)**

ରାଜ୍ୟର ସବୁଠି ପର୍ଯ୍ୟଟନ କେନ୍ଦ୍ର ଖୋଲିଯାଇଥିବା ବେଳେ କେନ୍ଦୁଝର ଜିଲାରେ ଅଦ୍ୟାବଧି ପର୍ଯ୍ୟଟନ କେନ୍ଦ୍ର ନ ଖୋଲିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷ କରି ରାଜ୍ୟ ପ୍ରସିଦ୍ଧ ସାନଘାଗରା ଜଳପ୍ରପାତ ବନ୍ଦ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକ ହଇରାଣ ହୋଇ ଫେରୁଛନ୍ତି। ଭୋଜିଭାତ କରିବାକୁ ଆସୁଥିବା ପର୍ଯ୍ୟଟକ ମୁଖ୍ୟ ଗେଟ ବନ୍ଦ ଥିବାରୁ ନିରାଶ ହୋଇ ଫେରୁଛନ୍ତି । ଭୋଜିଭାତ କରିବା ପାଇଁ ଏଣେ ତେଣେ ସ୍ଥାନ ଖୋଜୁଥିବା ବେଳେ କେତେକ ବଡଘାଗରା ଜଳପ୍ରପାତକୁ ଯାଉଥିବା ଦେଖିବାକୁ ମିଳିଛି । ଜିଲାରେ ପର୍ଯ୍ୟଟନ କେନ୍ଦ୍ର ଖୋଲିବା ନେଇ ଘୋଷଣା ହୋଇ ନ ଥିଲେ ହେଁ ସାନଘାଗରା ବ୍ୟତୀତ ଅନ୍ୟ କେନ୍ଦ୍ର ଗୁଡିକ ଅଘୋଷିତ ଭାବରେ ଖୋଲିଯାଇଛି ଏବଂ ପର୍ଯ୍ୟଟକଙ୍କ ଭିଡ ଜମୁଛି । କିନ୍ତୁ ପର୍ଯ୍ୟଟକଙ୍କୁ ସୁବିଧା ମିଳୁନାହିଁ। ପ୍ରତ୍ୟେକ ବର୍ଷ ଏହି କେନ୍ଦ୍ରକୁ ଲକ୍ଷାଧିକ ପର୍ଯ୍ୟଟକ ଜିଲା ତଥା


ସାନଘାଗରାରେ ଥିବା ବୋଟିଂସ୍ଥଳ ଶୂନ୍‌ଶାନ୍।

### ହଇରାଣ ହେଉଛନ୍ତି ପର୍ଯ୍ୟଟକ

ରାଜ୍ୟ ଓ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି । ବଣଜଙ୍ଗଲ ଓ ପାହାଡ ପରିବେଷ୍ଟିତ ପ୍ରାକୃତିକ ସବୁଜିମା ପରିବେଶ ମଧ୍ୟରେ ଥିବା ଏହି ମନୋରମ ଜଳପ୍ରପାତ ପ୍ରମୁଖ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେଉଥିବା ବେଳେ ଏଠାରେ ବୋଟିଂ କରିବା ନିଆରା ମଜା ଉଠାଇଥାନ୍ତି। ତେବେ କରୋନା ମହାମାରୀ ପାଇଁ ଏହି କେନ୍ଦ୍ରକୁ ଗତ ବର୍ଷ ଠାରୁ ବନ୍ଦ ରଖାଯାଇଛି। ବର୍ଷ ତମାମ ଚଳପ୍ରଚଳ ରହୁଥିବା ସାନଘାଗରା ଜଳପ୍ରପାତ ପରିସର ଏବେ କେନ୍ଦ୍ର ଖାଁ ଖାଁ ଲାଗୁଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହି କେନ୍ଦ୍ର ଦ୍ୱାରା ଉପକୃତ ହେଉଥିବା ଓ ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ଲୋକ ରୋଜଗାର ହରାଇ କଷ୍ଟ ଯନ୍ତ୍ରଣାରେ ରହୁଛନ୍ତି ।

ପୁରୀରୁ ଆସି ଫେରିଥିବା ପର୍ଯ୍ୟଟକ ମହେଶ୍ୱର ମହାନ୍ତି କହିଛନ୍ତି ଯେ ଆମେ ଜାଣି ନ ଥିଲୁ ଏହା ବନ୍ଦ ରହିଛି। ସବୁଠି ପର୍ଯ୍ୟଟନସ୍ଥଳୀ ଖୋଲି ଗଲାଣି । ଏଣୁ ଭୋଜିଭାତ କରିବାକୁ ଆସିଥିଲୁ। ଏସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ରାସ୍ତାକାମ ଚାଲିଥିବାରୁ ଖୋଲାଯାଇ ପାରିନାହିଁ। ତେବେ ଅନ୍ୟ ସ୍ଥାନ ଗୁଡ଼ିକ ପର୍ଯ୍ୟଟକ ବୁଲି ଦେଖି ପାରିବେ ବୋଲି ସେ କହିଛନ୍ତି।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତୀକ ଧାରଣା

**ପାଟଣା, ୧୫।୨(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ନେଇ ଆନ୍ଦୋଳନକାରୀମାନେ ସୋମବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ପାଟଣା ବନ୍ଦ କରିଥିଲେ। କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବାରୁ ଆନ୍ଦୋଳନକାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତୀକ ଧାରଣାରେ ବସିଛନ୍ତି। ପାଟଣାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ସାମାଜିକକର୍ମୀ ଅଜୟ କୁମାର ଦାଶ, ଯୁବ ସାମାଜିକ କର୍ମୀ ବିଜୟ ରତ୍ନ ପତି, ମାର୍କେଟ କମିଟି ସଭାପତି ବୁଲୁ ଭଞ୍ଜ, ଭାଜପା ପାଟଣା ମଣ୍ଡଳ ସଭାପତି ଅଭୟ କୁମାର ବେହେରା ପ୍ରମୁଖ ଶତାଧିକ ବ୍ୟକ୍ତି ସାମିଲ ହୋଇଛନ୍ତି।

## ଅର୍ଣ୍ଣପାଳ ଛକରେ ଫାଣ୍ଡି ଖୋଲିବାକୁ ଦାବି

**ଭଦ୍ରକ ଅଫିସ, ୧୫।୨**

ଭଦ୍ରକ ଅର୍ଣ୍ଣପାଳ ଓ ବିଷ୍ଣୁପୁରବିନ୍ଧା ପଞ୍ଚାୟତ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୂର୍ବରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନରେ ରହିଥିଲା। ଏବେ ଏହି ୨ ପଞ୍ଚାୟତକୁ ଗୁଜିଦରଡ଼ା ଫାଣ୍ଡି ପରିସୀମାରେ ସାମିଲ କରାଯାଇଛି। ଫଳରେ ଫାଣ୍ଡିରେ ଅଭିଯୋଗ କରିବାକୁ ହେଲେ ୫ କି.ମି. ଦୂରକୁ ଯିବାକୁ ପଡୁଛି। ଏଣୁ ଦୁଇ ପଞ୍ଚାୟତକୁ ପୂର୍ବ ପରି ଗ୍ରାମାଞ୍ଚଳ ଥାନା ଅଧୀନରେ ରଖାଯିବାକୁ ଗ୍ରାମବାସୀ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ଫାଣ୍ଡିକୁ ଯିବା ପାଇଁ ସାଳନ୍ଦୀ ଓ ନାଳିଆ ନଦୀ ପାର୍ ହେବାକୁ ପଡୁଥିବାରୁ ଲୋକେ ଅସୁବିଧା ଭୋଗୁଥିବା ଉଲ୍ଲେଖ କରାଯାଇଛି। ଏଣୁ ଅର୍ଣ୍ଣପାଳ ଛକ ନିକଟରେ ଫାଣ୍ଡି ପ୍ରତିଷ୍ଠା ଲାଗି ପଞ୍ଚାୟତବାସୀ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ବିଚାର କରି ପଦକ୍ଷେପ ନିଆ ନ ଗଲେ ଅର୍ଣ୍ଣପାଳ ଛକଠାରେ ଆରଡ଼ି ରାଜ୍ୟ ରାଜପଥ ଅବରୋଧ କରାଯିବ ବୋଲି ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ, ସୁଧାକର ମହାଳିକ, ନରହରି ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୮ ଯୋଡ଼ିଙ୍କର ପଡ଼ିଲା ହାତଗଣ୍ଠି


ବିବାହ ବନ୍ଧନରେ ବାନ୍ଧି ହୋଇଥିବା ବରକନ୍ୟା।

**ବାଲେଶ୍ୱର ଅଫିସ, ୧୫।୨**

ବାଲେଶ୍ୱର ଆଇଟିଆଇସ୍ଥିତ ସୁପ୍ରତିକ ଅଫିସ୍ ପରିସରରେ 'ରେବତୀ' ଅନୁଷ୍ଠାନ ପକ୍ଷରୁ ସୋମବାର ଗଣବିବାହ ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ୮ ଯୋଡ଼ିଙ୍କର ହାତଗଣ୍ଠି ପଡ଼ିଛି। ୫ଜଣ ବ୍ରାହ୍ମଣଙ୍କ ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଓ ମାର୍ଗଦର୍ଶକ ଇଂ. ରବୀନ୍ଦ୍ର କୁମାର ଜେନା କାର୍ଯ୍ୟ ସମ୍ପାଦନା କରିଥିଲେ। ଫକୀରମୋହନଙ୍କ ଦ୍ୱାରା ରଚିତ 'ରେବତୀ' ଗଳ୍ପ ଭଳି ଆଜିର ରେବତୀ ସଦୃଶ କନ୍ୟାମାନେ ଆଉ ଅଲୋଡ଼ା ନ ହୁଅନ୍ତୁ। ତାଙ୍କୁ ଏହି ସମାଜ ଦେବ ସୁ-ଶିକ୍ଷା, ଦେଖାଇବ ନୂଆ ରାହା। ଦରକାର ପଡ଼ିଲେ ତାଙ୍କୁ ବିବାହ ବନ୍ଧନରେ ବାନ୍ଧି ସଂସାରି କରାଇବ। ଏହା ହେଉଛି ଗଣବିବାହ ଉତ୍ସବର ଉଦ୍ଦେଶ୍ୟ ବୋଲି ସମ୍ପାଦିକା ଜେନା ପ୍ରକାଶ କରିଛନ୍ତି। ସେହିପରି ଅନୁଷ୍ଠାନ ପକ୍ଷରୁ ଲୁଗାପଟା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଘରୋଇ ଉପକରଣ, ଗ୍ୟାସ୍ ଚୁଲା, ହାତବାକ୍ସ, ମିଠା ହାଣ୍ଡି ଆଦି ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ ଓ ବହୁ ବୁଦ୍ଧିଜୀବୀ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ ଦେଇଥିଲେ। ଉଭୟ ବରକନ୍ୟାଙ୍କ ମା'ବାପା, ପରିବାର ଓ ବନ୍ଧୁବାନ୍ଧବ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିବର୍ଷ ଶ୍ରୀପଞ୍ଚମୀ ପୂର୍ବଦିନ ଗଣବିବାହ ଆୟୋଜନ ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି।

## ବର୍ଜ୍ୟବସ୍ତୁ ପ୍ଲାଣ୍ଟକୁ ବିରୋଧ: ଜିଲାପାଳଙ୍କୁ ଦାବିପତ୍ର

**କେନ୍ଦୁଝର, ୧୫।୨(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ସିଦ୍ଧମଠଠାରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ କରିବାକୁ ନିଆଯାଇଥିବା ନିଷ୍ପତ୍ତିକୁ ଘୋର ବିରୋଧ କରାଯାଇଛି। ଏହି ପ୍ଲାଣ୍ଟକୁ ପୁରୁଣା ବଜାରବାସୀଙ୍କ ସମେତ ସହରବାସୀ ଘୋର ବିରୋଧ କରିବା ସହ ଏଠାରେ ପ୍ଲାଣ୍ଟ ବନ୍ଦ କରି ଅନ୍ୟତ୍ର କରିବାକୁ ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବରିଷ୍ଠ ଆଇନଜୀବୀ ନିମାଇଁଚରଣ ଦାଶ, ପୂର୍ବତନ କାଉନସିଲର ସୁରେଶ ଚନ୍ଦ୍ର ପଟ୍ଟନାୟକ, ଗୋପିନାଥ ରାମ ପ୍ରମୁଖ ସାମିଲ ଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ

**ବନ୍ତ,୧୫।୨(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଧୀନ ଗୋପିନାଥପୁର ଗ୍ରାମର ସ୍ୱର୍ଗତ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ମହତାବ ୟୁଥ କ୍ଲବ ପରିସରରେ ପ୍ରଫୁଲ୍ଲ ମହାପାତ୍ର ସ୍ମୃତି ପରିଷଦ ପକ୍ଷରୁ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଦାଶ, ରାମନାରାୟଣ ରାୟ, ସମ୍ପାଦକ ଶିକ୍ଷାବିତ୍ ରଥ ବେହେରା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମୁରଲୀଧର ପଣ୍ଡା, ତ୍ରିଲୋଚନ ପଣ୍ଡା, ସାହିତ୍ୟିକ ଜଇନୁଲ ଆବେଦିନ୍, ସରପଞ୍ଚ ଅଶୋକ ଦାସ, ଚିତ୍ତରଞ୍ଜନ ଉଦ୍‌ଗାତା, ଶିକ୍ଷାବିତ୍ ଫକୀର ଚରଣ ବାରିକ, ନାରାୟଣ ଚନ୍ଦ୍ର ଲେଙ୍କା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ମରଣିକା 'ଅଲିଭା ଶିଖା' ଉନ୍ମୋଚନ କରାଯାଇଥିଲା।

## ୩ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

**ଖଇରା, ୧୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଆବଶ୍ୟକ ପିଲା ନ ଥିବାରୁ ୩ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ ପାଇଁ ବିଡିଓଙ୍କୁ ଚିଠି କରାଯାଇଥିବା ବେଳେ ଏ ନେଇ ଚୂଡାନ୍ତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ସାରକୋଣା ବାଉରୀବନ୍ଧୁ ୟୁଜିୟୁପି ସ୍କୁଲର ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ୩ଟି ଶ୍ରେଣୀକୁ ନିକଟସ୍ଥ ସାରକୋଣା ନୋଡାଲ, ସାରୁଗାଁ ପଞ୍ଚାୟତର ମାହାରାସାହିକୁ ଖଇରାର ନଟାପଡା ୟୁଜିୟୁପି, ଗୋବିନ୍ଦପୁର ଜୟୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶ୍ରୀରାମପୁରସ୍ଥିତ ଅନନ୍ତପ୍ରସାଦ ନୋଡାଲ ହାଇସ୍କୁଲରେ ମିଶାଇବାକୁ ପ୍ରସ୍ତାବ ଦିଆଯାଇଛି। ବିଡିଓ ପର୍ଶୁରାମ ପଣ୍ଡାଙ୍କ ନେତୃତ୍ୱରେ ପଞ୍ଚାୟତ ଅଧିକାରୀ, ସମାଜମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସଦସ୍ୟଙ୍କୁ ନେଇ ଗଠିତ ଟିମ୍ ପକ୍ଷରୁ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଅଧିକାରୀ ସମ୍ପୃକ୍ତ ଗ୍ରାମକୁ ଯାଇଥିବା ବେଳେ ଏହି ମିଶ୍ରଣକୁ ଗ୍ରାମବାସୀଙ୍କ ତରଫରୁ ବିରୋଧ କରାଯାଇଛି।

## ଶୋଭାଯାତ୍ରାରେ ଆସିଲେ ରାଧାମାଧବ ଜୀଉ


କଳସ ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ରାଧାମାଧବଙ୍କୁ ଅଣାଯାଉଛି।

**ବାସୁଦେବପୁର,୧୫।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ରାହ୍ମଣଗାଁ ପଞ୍ଚାୟତ ମନ୍ମଥପୁର ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ରାଧାମାଧବ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ୨ୟ ଦିବସରେ ସୋମବାର କଳସ ଶୋଭାଯାତ୍ରା କରାଯାଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିରାଟ ପଟୁଆରରେ ରାଧାମାଧବ ଜୀଉଙ୍କୁ ଏକ ସୁସଜ୍ଜିତ ବିମାନରେ ବ୍ରାହ୍ମଣଗାଁ ସ୍ଥିତ ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ପୀଠକୁ ଆଣିଥିଲେ। ପ୍ରଥମେ ରାଧାମାଧବ ମହାପ୍ରଭୁ ମହାଦେବଙ୍କ ଦର୍ଶନ ସହିତ ଆଜ୍ଞାମାଳ ଗ୍ରହଣ କରିଥିଲେ। ପରେ ମହାଦେବଙ୍କ ପୋଖରୀରେ କଳସ ବୁଡ଼ାଯାଇଥିଲା। ପୁନର୍ବାର ରାଧାମାଧବ ଜୀଉ ଶୋଭାଯାତ୍ରାରେ ନୂତନ ମନ୍ଦିର ଅଭିମୁଖେ ପ୍ରତ୍ୟାଗମନ କରିଥିଲେ।

# କାଠ ବୋଝେଇ ପିକ୍‌ଅପ୍ ଜବତ: ୨ ଗିରଫ

**ଠାକୁରମୁଣ୍ଡା, ୧୫।୨(ଡି.ଏନ.ଏ.)**

### ଗିରଫ ମଧ୍ୟରେ ଜଣେ ଟିପିଏଫ କର୍ମୀ

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଖପରଖାଇ ଗ୍ରାମରୁ ରବିବାର ରାତିରେ କାଠପଟା ବୋଝେଇ ଏକ ପିକଅପ ଭ୍ୟାନକୁ ବନ ବିଭାଗ ଜବତ କରିଛି। ଏହି ଘଟଣାରେ ଭ୍ୟାନ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ୨ଜଣଙ୍କ ମଧ୍ୟରୁ ଜଣେ ଶିମିଳିପାଳ ଟିପିଏଫ୍( ଟାଇଗର ପ୍ରୋଟେକ୍ସନ ଫୋର୍ସ) କର୍ମୀ ଥିବା ଜଣାପଡିଛି। ଘଟଣାସ୍ଥଳରୁ ଏକ ବାଇକ ଜବତ ହୋଇଛି। ସାଲେଇବେଡା ପଞ୍ଚାୟତ ଖାପରଖାଇ ଗ୍ରାମରେ ବନାଞ୍ଚଳ ପକ୍ଷରୁ ବିଟ୍ ଗୃହ ନିର୍ମାଣ ଲାଗି ବାଲିଗଦା ରଖାଯାଇଥିବା ବେଳେ ସେଥିରେ କଷି ଗଛର ପଟାକୁ ଲୁଚାଯାଇଥିଲା। ରାତି ପ୍ରାୟ ୯ଟା ବେଳେ ଏକ ପିକଅପ ଭ୍ୟାନରେ ୩୮ଖଣ୍ଡ ପଟା ବୋଝେଇ କରି ନିଆଯାଉଥିବା ବେଳେ ଗ୍ରାମବାସୀ ଦେଖି ଭ୍ୟାନକୁ ଅଟକାଇଥିଲେ। ପରେ ଗ୍ରାମବାସୀ ଠାକୁରମୁଣ୍ଡା ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ପହଞ୍ଚି କାଠପଟା ବୋଝେଇ ଭ୍ୟାନ (ନଂ. ଓ ୦୧ ଏ ଏଚ ୯୨୧୫)କୁ ଜବତ କରିଥିଲେ। ଘଟଣାସ୍ଥଳରୁ ଚୋରାରେ କାଠପଟା ନିଆଯାଉଥିବା ଜଣେ ଟିପିଏଫ୍ କର୍ମୀ କୁଞ୍ଜ ବିହାରୀ ସୟ ଓ ଭ୍ୟାନ ଡ୍ରାଇଭର ଶିବାନନ୍ଦ ନାୟକଙ୍କୁ ଗିରଫ କରାଯାଇଛି। ଜବତ ବାଇକ ଜଣେ ବନ୍ୟପ୍ରାଣୀ ରେଞ୍ଜ କର୍ମଚାରୀଙ୍କର ବୋଲି କୁହାଯାଉଛି। ଠାକୁରମୁଣ୍ଡା ରେଞ୍ଜରେ ଏକ ମାମଲ(ନଂ.୨୪୦ ) ରୁଜୁ କରାଯାଇ ବିଭାଗ ଘଟଣାର ତଦନ୍ତ କରୁଛି।

# ଭଦ୍ରକରେ ବନ୍ଦର ପ୍ରଭାବ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ବନ୍ତ/ ଧାମନଗର/ବାସୁଦେବପୁର/ଆରଡ଼ି, ୧୫।୨(ଡି.ଏନ.ଏ.)**

କଂଗ୍ରେସ ପକ୍ଷରୁ ସୋମବାର ବନ୍ଦ ପାଳନର ପ୍ରଭାବ ଭଦ୍ରକ ଜିଲାରେ ଦେଖିବାକୁ ମିଳିଛି। ସହରର ବନ୍ତ ଛକ ଓ ୧୬ ନଂ. ଜାତୀୟ ରାଜପଥର ଓଭରବ୍ରିଜ୍ ନିକଟରେ ରାଜପଥ ଅବରୋଧ କରାଯାଇଥିଲା। ବସ୍ ଚଳାଚଳ, ବ୍ୟବସାୟିକ ଅନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ପ୍ରତିବାଦ ସଭା ହୋଇଥିଲା। ଜିଲା ସଭାପତି ସୁବ୍ରତ ଦାସ ନେତୃତ୍ୱ ନେଇଥିଲେ। ଭଣ୍ଡାରିପୋଖରୀ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଦଳୀୟ କର୍ମୀମାନେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦଙ୍କ ନେତୃତ୍ୱରେ ପିତାମ୍ବର ନାୟକ, ସରପଞ୍ଚ ପ୍ରଶାନ୍ତ ସାହୁ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ବନ୍ଦ ପାଳନ କରିଥିଲେ। ଆଖୁଆପଦାଠାରେ କଂଗ୍ରେସ କର୍ମୀ ସନ୍ତୋଷ ମହାପାତ୍ର, ନାରାୟଣ ବେହେରା, ଅଭିମନ୍ୟୁ ଜେନା, ବିଶ୍ୱଜିତ ମହାପାତ୍ର ନେତୃତ୍ୱ ନେଇଥିଲେ। ବନ୍ତ ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ପଡ଼ିଥିଲା। କଂଗ୍ରେସ ନେତା ନିରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ପଧାନପଡ଼ା ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁ, ମଣିଭଦ୍ର ବିଶ୍ୱାଳ, ଯୁବନେତା ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ। ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସର ବ୍ଲକ ସଭାପତି ପ୍ରସନ୍ନ ଧଳଙ୍କ ନେତୃତ୍ୱରେ ବିଦ୍ୟାଧର ଜେନା, ନରେନ୍ଦ୍ର ମଲ୍ଲିକ, ଅଭିଷେକ ରାଉତ ପ୍ରମୁଖ ପିକେଟିଂ କରିଥିଲେ। ବାସୁଦେବପୁରରେ କଂଗ୍ରେସ ନେତା ଅଶୋକ ଦାସ, ପୂର୍ବତନ କାଉନସିଲର ଗଙ୍ଗାଧର ବାରିକ, ପ୍ରବୋଧ ଦାଶ, ଦୀନବନ୍ଧୁ ବାରିକଙ୍କ ସମେତ କର୍ମୀ ଓ ସମର୍ଥକମାନେ ନେତୃତ୍ୱ ନେଇଥିଲେ। ଆରଡ଼ି ବସ୍‌ଷ୍ଟାଣ୍ଡ ଓ ବେତାଳିଗାଁ ବଜାରରେ ଆଖଣ୍ଡଳମଣି-ଭଦ୍ରକ ରାଜ୍ୟ ରାଜପଥକୁ ଅବରୋଧ କରି କଂଗ୍ରେସ କର୍ମୀମାନେ ଧାରଣାରେ ବସି ରହିଥିଲେ।


ଭଦ୍ରକରେ ବନ୍ଦ ପାଇଁ ୧୬ନଂ. ଜାତୀୟ ରାଜପଥ ଖାଁ ଖାଁ।

# ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ

**ବାରିପଦା ଅଫିସ/ଉଦଳା/କୁଆମରା/ ଠାକୁରମୁଣ୍ଡା/ ଚିତ୍ରଡ଼ା, ୧୫।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲାରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ପାଳନ କରାଯାଇଥିବା ବେଳେ ଜିଲାବାସୀ ଏହାକୁ ସମର୍ଥନ ଜଣାଇଥିଲେ। ସହରର ସମସ୍ତ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଚାରିଚକିଆ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ଚଳାଚଳ କରିଥିବା ବେଳେ ଔଷଧ ଦୋକାନ ଖୋଲା ରହିଥିଲା। ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ କର୍ମୀମାନେ ବଜାର ବୁଲି ପିକେଟିଂ କରିଥିଲେ। ୧୮ ନଂ. ଜାତୀୟ ରାଜପଥର ପାଲବଣି ଓ ମୁର୍ଗାବାଡ଼ିକୁ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେହିପରି ବଜାର ମଧ୍ୟରେ ଥିବା ଜିଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ନେତୃବୃନ୍ଦ ପହଞ୍ଚି


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି କଂଗ୍ରେସ ନେତା।

### ବନ୍ଦ ପାଳନ

କାର୍ଯ୍ୟାଳୟ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲ, ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ ପାଲ, ମହିଳା ନେତ୍ରୀ ସୁସ୍ମିତା ଘୋଷାଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ଉଦଳାରେ କଂଗ୍ରେସ କର୍ମୀମାନେ ବଜାର ବୁଲି ଦୋକାନ ବଜାର ବନ୍ଦ କରିଥିଲେ। ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ କର୍ମୀ। ବରିଷ୍ଠ ନେତା ଦୁର୍ଗାଚରଣ ଗୁଡୁଙ୍କ ନେତୃତରେ ନଗର ସଭାପତି ନାରାୟଣ ପଟ୍ଟନାୟକ, ସଞ୍ଜୀବ ଭୋଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ୍, ସମସ୍ତ ବ୍ୟାଙ୍କ, ସ୍କୁଲ କଲେଜ ଆଦି ସହ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଠାକୁରମୁଣ୍ଡାଠାରେ ବରିଷ୍ଠ କର୍ମୀ ପ୍ରମୋଦ ଦାସ, ତରୁଣ ସାହୁ, କୁଞ୍ଜବିହାରୀ ନାୟକ, ବ୍ରହ୍ମାନନ୍ଦ ଦେହୁରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସରକାରୀ ଅଫିସ୍‌କୁ ଯାଇ ବନ୍ଦ କରିଥିଲେ। ମୋରଡ଼ା ବ୍ଲକରେ କଂଗ୍ରେସ କର୍ମକର୍ତ୍ତାମାନେ ଚିତ୍ରଡ଼ା ଶୀର୍ଷାପାଳ ଛକ, ଚିତ୍ରଡ଼ା ମାର୍କେଟ, ମୋରଡ଼ା ଛକ ଏବଂ ବ୍ଲକ ଅଫିସ୍ ସମ୍ମୁଖରେ ପହଞ୍ଚି ରାସ୍ତାରେ ଯାଉଥିବା ଚାରିଚକିଆ ଯାନ ଚଳାଚଳ ବନ୍ଦ କରିଥିଲେ। ସେକ୍ ମୁସ୍ତାଫା, ଶଶଧର ବେହେରା, ଶୁଭ ମହାନ୍ତ, ଏବଂ ଘାସିରାମ ବେହେରା ପ୍ରମୁଖ ବନ୍ଦ ପାଳନରେ ସାମିଲ ଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୬ ଫେବୃୟାରୀ ୨୦୨୧

## ପୋଲିସକୁ ଦୁର୍ବ୍ୟବହାର କରି ଯୁବକ ଗିରଫ

**ସୋର,(ଡି.ଏନ୍.ଏ.):** ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ସାମ୍ନାରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ବରଯାତ୍ରୀଙ୍କ ସହ ପୋଲିସକୁ ଦୁର୍ବ୍ୟବହାର ଓ ଠେଲାପେଲା କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଅନନ୍ତପୁର ଅଞ୍ଚଳର ସୁଶାନ୍ତ ଶେଖର ବେହେରା ନିଶାସକ୍ତ ଅବସ୍ଥାରେ କାରରେ ଆସି ରାସ୍ତାରେ ଗାଡି ରଖି ଉନ୍ମତ୍ତକାଣ୍ଡ ଘଟାଇଥିଲେ। ଥାନା ଫାଣ୍ଡି ଅଧିକାରୀ ମାମଲା (ନଂ.୬୨/୨୧) ରୁଜୁ କରିଛନ୍ତି।



## ଆଜି କ'ଣ କେଉଁଠି

**ବାଲେଶ୍ୱର**
- ନୂତନ ପାଠାଗାର ଲୋକାର୍ପଣ ଉତ୍ସବ। ସ୍ଥାନ: ନେସ୍କୋ କାର୍ଯ୍ୟାଳୟ ସଂଲଗ୍ନ ଗୃହ। ସମୟ: ସକାଳ ୯ଟା।
- ନାରୀନେତ୍ରୀ ସୁରେଖା ଜେନାଙ୍କ ଏକାଦଶାହରେ ସ୍ମୃତିସଭା। ସ୍ଥାନ: ଖଇରା ପୋଷ୍ଟ ଅଫିସ ପାଖ ବାସଭବନ। ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ସରସ୍ୱତୀ ପୂଜା। ସ୍ଥାନ: ଆଇନଜୀବୀ ସଂଘ ଗୃହ, ବଡ଼ବିଲ। ସମୟ: ପୂର୍ବାହ୍ନ ୧୦ଟା।
- ବାଙ୍କେ ବିହାରୀ ଭବନ ଉଦ୍‌ଘାଟନ। ସ୍ଥାନ: ପୁରୁଣା ଥାନା ନିକଟ, ବଡ଼ବିଲ।

**ଭଦ୍ରକ**
- ନବରାତ୍ର ନାମ ସଂକୀର୍ତ୍ତନ ଉଦ୍‌ଯାପନ। ସ୍ଥାନ: ଭୂଇଁପୁର, ଆରଡ଼ି। ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଶ୍ରୀପଞ୍ଚମୀ ବିହିତ ପୂଜା ବିଧି। ସ୍ଥାନ: ସରସ୍ୱତୀ ମନ୍ଦିର, ଉଦଳା। ସମୟ: ପ୍ରାତଃ ୪ ଟା ୩୦ରୁ ଆରମ୍ଭ।

## ଯୁବକଙ୍କ ମୃତଦେହ ଜବତ

ବାରିପଦା ଅଫିସ,୧୫।୨-ବାରିପଦା ଟାଉନ ଥାନା ଅଧୀନ ୧୨ନଂ ୱାର୍ଡ ବନ୍ଧ ସାହିରେ ରହୁଥିବା ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ସକାଳେ ଜବତ କରିଛି। ମୃତକ ହେଲେ ସନ୍ଦୀପ ଘୋଷ(୨୬)। ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ବର୍ଦ୍ଧମାନ ଜିଲା ଫକୀରପୁର ଅଞ୍ଚଳରେ। ତେବେ ସନ୍ଦୀପ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିରଳ ପ୍ରଜାତିର ମାଛ

**ଭୋଗରାଇ,୧୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାଟଗ୍ରାମ ଗ୍ରାମର ଗୋପାଳକୃଷ୍ଣ ମହାନ୍ତିଙ୍କ ପୋଖରୀରୁ ସୋମବାର ଏକ



ବିରଳ ପ୍ରଜାତିର ମାଛ ଧରାଯାଇଛି। ଏହି ମାଛଟିର ଓଜନ ୬ଶହ ଗ୍ରାମ୍ ହୋଇଥିବା ବେଳେ ମୁଣ୍ଡଟି ଚେପ୍‌ଟା ଓ କାତିର ପାର୍ଶ୍ୱରେ ଭିନ୍ନ ଏକ ରଙ୍ଗ ରହିଛି।

## ଗାଁ ପାଖ ଜଙ୍ଗଲରେ ବୁଲୁଛି ଭାଲୁ

**ସଜନାଗଡ଼, ୧୫।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ନୂଆସାହି ଗ୍ରାମ ପାଖ ଜଙ୍ଗଲରେ ଏକ ଭାଲୁ ଘୂରି ବୁଲୁଛି। ଫଳରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଗ୍ରାମଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଗ୍ରାମର ୱାର୍ଡ଼ସଭ୍ୟ ସୋମନାଥ ଖଣ୍ଡେଇ ସୋମବାର ସକାଳେ ଘରେ ଧାନ ଉଁସେଇବା ପାଇଁ ଗ୍ରାମ ନିକଟ ତିନିକୋଶିଆ ଜଙ୍ଗଲକୁ ଜାଳେଣି ପତ୍ର ଆଣିବାକୁ ଯାଇଥିଲେ। ସେହି ସମୟରେ ବୁଦାମୂଳରେ ଲୁଚି ରହିଥିବା ଏକ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ତାଙ୍କ ଜଙ୍ଘକୁ କାମୁଡ଼ି ଲହୁଲୁହାଣ କରି ପକାଇଥିଲା। ମୁଣ୍ଡକୁ ଆକ୍ରମଣ କରିବା ବେଳକୁ ସୋମନାଥ ହାତରେ ଧରିଥିବା ଏକ କଟୁରୀରେ ଭାଲୁଟିର ମୁହଁକୁ ମାରିଦେବାରୁ ଭାଲୁଟି ପଳାଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ୩ ଭାଲୁ ଆକ୍ରମଣରେ ୨ଗୁରୁତର

**ପାଟଣା,୧୫।୨(ସ୍ୱ. ପ୍ର.):,** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡ ବିଟ ପିଛୁଳାବେଡା ନିକଟରେ ଭାଲୁ ଆକ୍ରମଣ ରେ ସୋମବାର ୨ଜଣ ଗୁରୁତର ହୋଇଛନ୍ତି। ଏହି ୩ ଭାଲୁ ଗୋଡେଇ ଗୋଡେଇ କାମୁଡୁ ଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗୁରୁତର ୨ଜଣ ହେଲେ ପିଛୁଳାବେଡା ବନ୍ଧ ସାହିର ଗୁରୁଚରଣ ମହାନ୍ତ ଓ ପିଛୁଳା ବେଡା ପ୍ରଧାନ ସାହିର ସୌଭାଗ୍ୟ ମହାକୁଡ଼। ଉଭୟଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ହଳଦୀପଦା ଷ୍ଟେଶନରେ ୪ଘଣ୍ଟା ରେଳରୋକୋ

**ରୂପ୍‌ସା,୧୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ହଳଦୀପଦା ରେଳଷ୍ଟେଶନ ସମସ୍ୟା ନେଇ ୧୦ଦଫା ଦାବି ପୂରଣ ହେଉ ନ ଥିବାରୁ ସୋମବାର ହଳଦୀପଦା ପ୍ରଗତି ମଞ୍ଚ ପକ୍ଷରୁ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ ପୂର୍ବାହ୍ନ ସାଢ଼େ ୬ଟାରୁ ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ଓ ଡାଉନ ବାଘାଯତୀନ ଏକ୍ସପ୍ରେସ ଷ୍ଟେଶନର ଉଭୟପଟେ ଅଟକ ରହିଥିଲା। ଜିଲା ପ୍ରଶାସନ ପକ୍ଷରୁ ସଦର ବିଡିଓ ନରେନ୍ଦ୍ର ଖମାରୀ, ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ଆରପିଏଫ୍ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ବରୁଣ କୁମାର ବେହେରା, ଡିଭିଜନାଲ ଟ୍ରାଫିକ ଇନ୍ସପେକ୍ଟର ଏ.କେ. ଖୁଣ୍ଟିଆ, ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଦେବଦତ୍ତ ଜେନା, ଆରପିଏଫ୍ ଡିଏସ୍‌ପି କେଭି



ତ୍ରିପାକ୍ଷିକ ଆଲୋଚନାରେ ପ୍ରଗତି ମଞ୍ଚ କର୍ମକର୍ତ୍ତାଙ୍କ ସହ ପ୍ରଶାସନିକ ଅଧିକାରୀ ଓ ରେଲୱେ ଅଧିକାରୀ।

ଶ୍ରୀନିବାସ, କମର୍ସିଆଲ ଇନ୍ସପେକ୍ଟର ଏସ୍. ଶାହା ଓ ପିସି ରାଉତ ପ୍ରମୁଖ ପହଞ୍ଚି ବିଜେଡି ନେତା ଯଯାତି ଦାସ, ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଉପସଭାପତି ବୃହସ୍ପତି ଦାଶ, ସମ୍ପାଦକ ବୀରେନ୍ଦ୍ର ନନ୍ଦ, କୋଷାଧ୍ୟକ୍ଷ ଚୈତନ ପ୍ରସାଦ ସାହୁ, ଉପଦେଷ୍ଟା ରାଧାକୃଷ୍ଣ ଜେନା, ସରପଞ୍ଚ ଇତିଶ୍ରୀ ଦାସ, ପୂର୍ବତନ ସରପଞ୍ଚ ପର୍ଶୁରାମ ପ୍ରଧାନ ଓ ସନ୍ନ୍ୟାସୀ ନାୟକ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ରେଲୱେ ଅଧିକାରୀମାନେ ଉଚ୍ଚକର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଖୁବ୍‌ଶୀଘ୍ର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ପ୍ରତିଶ୍ରୁତି ଦେବା ପରେ ସାଢ଼େ ୧୦ଟାରେ ଆଲୋଚନା ପ୍ରତ୍ୟାହୃତ ହୋଇଥିଲା। ବାଙ୍ଗିରିପୋଷି - ଭୁବନେଶ୍ୱର ସୁପରଫାଷ୍ଟ ଟ୍ରେନ୍ ରହଣି,

### ତ୍ରିପାକ୍ଷିକ ଆଲୋଚନାରେ ମିଳିଲା ପ୍ରତିଶ୍ରୁତି

ଧଉଳି କିମ୍ବା ଜଗନ୍ନାଥ ଏକ୍ସପ୍ରେସ ରହଣି, ସମସ୍ତ ଲୋକାଲ ଟ୍ରେନ୍‌କୁ ଖୁବ୍‌ଶୀଘ୍ର ଚଳାଚଳ କରିବା, ଷ୍ଟେଶନରେ ଏଟିଏମ୍ କାଉଣ୍ଟର ଖୋଲାଯିବା, ପ୍ଲାଟଫର୍ମରେ ଶୌଚାଳୟ ଓ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ରିଜର୍ଭେଶନ କାଉଣ୍ଟର ଖୋଲାଯିବା ଆଦି ୧୦ଦଫା ସମ୍ବଳିତ ଦାବିପତ୍ର ପୂର୍ବରୁ ମଞ୍ଚ ପକ୍ଷରୁ ଡିଆରଏମ୍, ଜିଲାପାଳ, ଏମ୍‌ପି, ବିଧାୟକଙ୍କୁ ଦିଆଯାଇଥିଲା। ଦାବି ପୂରଣ ନ ହେଲେ ଫେବୃୟାରୀ ୧୫ରେ ରେଳରୋକୋ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଆସନ୍ତା ୧୮ ତାରିଖରେ ପ୍ରଗତି ମଞ୍ଚ କର୍ମକର୍ତ୍ତାଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୁନଃ ପ୍ରଶାସନିକ ଆଲୋଚନା ହେବ ବୋଲି ବିଡିଓ ଖମାରୀ ପ୍ରକାଶ କରିଥିଲେ।

# ବନ୍ଦ ପ୍ରଭାବ: ରାସ୍ତା ଅବରୋଧ ସହ ବିକ୍ଷୋଭ




ବାଲେଶ୍ୱର ଷ୍ଟେଶନ ଛକରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଉଛି।

**ବାଲେଶ୍ୱର ଅଫିସ/ ସୋର/ ଜଳେଶ୍ୱର/ ଭୋଗରାଇ/ ବାଲିଆପାଳ/ଲଙ୍ଗଳେଶ୍ୱର/ରୂପ୍‌ସା/ ଔପଦା, ୧୫।୨(ଡି.ଏନ.ଏ./ସ୍ୱ.ପ୍ର.)**

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାର ପ୍ରଭାବ ବାଲେଶ୍ୱରରେ ପ୍ରତିଫଳିତ ହୋଇଥିଲା। ଜିଲାର ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ସମେତ ସ୍କୁଲ କଲେଜ, ଦୋକାନ ବଜାରକୁ ଦଳୀୟ କର୍ମୀମାନେ ପିକେଟିଂ କରି ବନ୍ଦ କରିଥିଲେ। କର୍ମୀମାନେ ରାଜପଥ ଅବରୋଧ କରିବା ସହ ରେଳରୋକୋ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବାଲେଶ୍ୱର କଂଗ୍ରେସ ନେତ୍ରୀ ମମତା କୁଣ୍ଡୁ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ ଜ୍ୟୋତ୍ସ୍ନା ସେନାପତି, ଛାତ୍ର କଂଗ୍ରେସ ଜିଲା ସଭାପତି ଗୌତମ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରାଯାଇଥିଲା।

ସୋର ନଗର କଂଗ୍ରେସ ସଭାପତି ରାଜେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ଶ୍ରୀକାନ୍ତ ଜେନା ଓ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକଙ୍କ ନେତୃତ୍ୱରେ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱରଠାରେ ରାସ୍ତା ଅବରୋଧ କରିବା ଫଳରେ ଗାଡ଼ି ମୋଟର ବନ୍ଦ ହୋଇଯାଇଥିଲା। ଏହାପରେ କଂଗ୍ରେସ କର୍ମୀମାନେ ବାଇକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଅଫିସ୍ ଆଗରେ ପିକେଟିଂ କରିବା ସହିତ ଦୋକାନ ବଜାର ବନ୍ଦ କରିଥିଲେ। ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ବନ୍ଦ କରାଯିବା ସହିତ ପିକେଟିଂ କରାଯାଇଥିଲା। କଂଗ୍ରେସ ରାଜ୍ୟ ପ୍ରବକ୍ତ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ସତ୍ୟସୁନ୍ଦର ଦାସ, ଗିରିଜା ଶଙ୍କର ଦାସ, ସୁକୁମାର ଘୋଷ, ରାଜୀବ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସୀମାନ୍ତ ଲକ୍ଷ୍ମଣନାଥରେ ସୁଦାମ ପାତ୍ରଙ୍କ ନେତୃତ୍ୱରେ ସରପଞ୍ଚ ବୁଦ୍ଧେଶ୍ୱର ପ୍ରଧାନ, ସପନ ଜେନା, ଆଶିଷ ଜେନା ପ୍ରମୁଖଙ୍କ ସହିତ ବହୁ ୱାର୍ଡ଼ସଭ୍ୟ ଏହି ବନ୍ଦ ପାଳନରେ ସାମିଲ ଥିଲେ। ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଥାନାଛକଠାରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଥିଲେ। କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ ପାତ୍ର, ସନ୍ତୋଷ କୁମାର ଜେନା, କାର୍ତ୍ତିକ ଚନ୍ଦ୍ର ପାତ୍ର, ମମତା ସାହୁ ପ୍ରମୁଖ ସାମିଲ ଥିଲେ। ବାଲିଆପାଳ ବ୍ଲକ ଛକ ନିକଟରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ଲଙ୍ଗଳେଶ୍ୱର ବଜାର ଓ ଜାମଶୁଳି ଛକରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ବିକ୍ଷୋଭ କରିଥିଲେ। ରୂପ୍‌ସା କଂଗ୍ରେସ ଦଳ ପକ୍ଷରୁ ଯୁବନେତା ମନୋରଞ୍ଜନ ନାୟକ, ବିଜୟ ମହାପାତ୍ର, ବଳରାମ ଜେନା, ରାଜେଶ ଜେନା, ଜଗଦୀଶ ସାହୁଙ୍କ ସମେତ ବହୁ ସମର୍ଥକ ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ବସ୍‌ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମାଲବାହୀ ଟ୍ରକ୍ ଓ ଯାତ୍ରୀବାହୀ ବସ୍‌କୁ ଅଟକାଇ ଥିଲେ। ଔପଦା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ଦାସ, ବଡପୋଖରୀ ସରପଞ୍ଚ ବସନ୍ତ କୁମାର ଦାସ, ଅଗିରାପଦା ସରପଞ୍ଚ ରାଧାଗୋବିନ୍ଦ ଧଡା, ଅନାମ ଚନ୍ଦ୍ର ବାରିକ ପ୍ରମୁଖ ବନ୍ଦରେ ସାମିଲ ଥିଲେ।

# 'କେନ୍ଦ୍ର ବଜେଟରେ ବିକାଶକୁ ଗୁରୁତ୍ୱ ଦିଆଯାଇଛି'




ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବଜେଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ବାଲେଶ୍ୱର ଅଫିସ,୧୫।୨**

୨୦୨୧-୨୨ କେନ୍ଦ୍ର ବଜେଟ୍‌ରେ ବିକାଶକୁ ଗୁରୁତ୍ୱ ଦିଆଯାଇଛି । ଏଥିରେ କରୋନାର ଧ୍ୱଂସ ସ୍ତୁପରୁ ନବନିର୍ମାଣର ଏକ ସଂକଳ୍ପ ସ୍ଥିତି ପ୍ରତିଫଳିତ ହୋଇଛି। ବାଲେଶ୍ୱର ସହରରେ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହା କହିଛନ୍ତି। ଏଥିସହ ସେ କହିଥିଲେ- ପ୍ରଧାନମନ୍ତ୍ରୀଙ୍କ ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ନୀତିରେ ବଜେଟ୍ ପ୍ରସ୍ତୁତ ହୋଇଛି। ବଜେଟ୍‌ରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଭିତ୍ତିଭୂମିକୁ ସୁଦୃଢ଼ କରିବା, ମହିଳା ସଶକ୍ତିକରଣ ଆଦି ପ୍ରସଙ୍ଗକୁ ଅଗ୍ରାଧିକାର ଦିଆଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ପ୍ରତାପ। ଏହି ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବାଲେଶ୍ୱର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ ବହୁ ପ୍ରମୁଖ ନେତା ଉପସ୍ଥିତ ଥିଲେ। ଏହାପରେ ଉକ୍ତ ସମ୍ମିଳନୀ କକ୍ଷରେ ଅପରାହ୍ନରେ ଭାଜପା ପକ୍ଷରୁ ଆୟୋଜିତ ବଜେଟ୍ ସମ୍ପର୍କିତ ବୁଦ୍ଧିଜୀବୀ ଆଲୋଚନାଚକ୍ରରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବଜେଟ୍‌ର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ।

## ଭାଗନେବେ ବରିଷ୍ଠ ବର୍ଗର ମହିଳା ଖେଳାଳି

**ବାରିପଦା ଅଫିସ,୧୫।୨**

ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ବରିଷ୍ଠ ମହିଳା ଫୁଟବଲ ଚୟନ ଶିବିରରେ ମନୋନୀତ ହୋଇ ରାଜ୍ୟସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଝାରସୁଗୁଡା ଯାତ୍ରା କରିଛନ୍ତି। ପ୍ରଥମେ ମଙ୍ଗଳବାର ଆରମ୍ଭ ହେବାକୁ ଥିବା ଆନ୍ତଃଜିଲା ଫୁଟବଲ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବେ। ପ୍ରଥମ ମ୍ୟାଚରେ ମୟୂରଭଞ୍ଜ ଦଳ ବରଗଡ ଜିଲା ସହିତ ଖେଳିବ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଜଣାଇଛନ୍ତି। ଏହି ଚୟନ ଶିବିରକୁ ପ୍ରବିର କୁମାର ବିଶ୍ୱାସ, ମାଣିକ ରଣା, ସଞ୍ଜିବ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ଚୟନକର୍ତ୍ତା ଭାବେ ଅମୂଲ୍ୟ ଦାଶ, ଆନପା ମାଝି, ସେଙ୍ଗେଲ ସୋରେନ, ନନ୍ଦଲାଲ ମହାପାତ୍ର ଏବଂ ପ୍ରଦୀପ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏମ୍‌ଏମ୍‌ର ତାଲାବନ୍ଦ ଆନ୍ଦୋଳନ

**କୁଳିଅଣା, ୧୫।୨(ଡି.ଏନ.ଏ.)**

### ବ୍ଲକ ଅଧ୍ୟକ୍ଷ ଲାଗି ନିର୍ବାଚନ ଦାବି

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧ୍ୟକ୍ଷ ଜିଲା ଦୌରାଜକ୍ଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହେବା ପରେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ତାଙ୍କ ସ୍ଥାନରେ ଉପାଧ୍ୟକ୍ଷ ଗାୟତ୍ରୀ ଦତ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ଲାଗି ପୁନଃ ନିର୍ବାଚନ ଦାବି କରି କୁଳିଅଣା ବ୍ଲକ ପୂର୍ଣ୍ଣାପାଣି ପଞ୍ଚାୟତର ସମିତିସଭ୍ୟ ରାମଚନ୍ଦ୍ର ମୁର୍ମୁଙ୍କ ନେତୃତ୍ୱରେ ସୋମବାର ଚାନ୍ଦୁଆସ୍ଥିତ କୁଳିଅଣା ବ୍ଲକ କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟ ପାଇଁ ତାଲାବନ୍ଦ କରାଯାଇଛି। ଅଧ୍ୟକ୍ଷ ପଦ ନିର୍ବାଚନ ପାଇଁ ସମିତିସଭ୍ୟଙ୍କ ପକ୍ଷରୁ ଗତ ଡିସେମ୍ବର ୧୪ ଏବଂ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଚଳିତମାସ ୪ ତାରିଖରେ ମୟୂରଭଞ୍ଜ ଜିଲାପାଳ ଓ କୁଳିଅଣା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ନିର୍ବାଚନକୁ ସ୍ଥଗିତ ରଖିବାକୁ ଚେଷ୍ଟା କରାଯାଉଛି ବୋଲି ଜେଏମ୍‌ଏମ ଯୁବନେତା ଅର୍ଜୁନ ମୁର୍ମୁ କହିଛନ୍ତି। ତେବେ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଏହି ଆନ୍ଦୋଳନରେ ବାରିପଦା ସବ୍‌ଡିଭିଜନ ସଭାପତି ତଥା କୁଆବୁଡା ପଞ୍ଚାୟତର ସମିତିସଭ୍ୟ ଶଙ୍କର ପ୍ରସାଦ ମୁର୍ମୁ, ଜେଏମ୍‌ଏମ ଯୁବନେତା ଅର୍ଜୁନ ମୁର୍ମୁ ,ବାଜୁନ ସୋରେନ, ଖୁଣ୍ଟା ବ୍ଲକ ଉପଦେଷ୍ଟା ବୁଦ୍ଧିରାମ ମାର୍ଣ୍ଡି ପ୍ରମୁଖ ସାମିଲ ଥିଲେ।

# ବନ୍ଦ ଆଳରେ କଂଗ୍ରେସ ନେତା ଏକଜୁଟ



ଖଇରା ବ୍ଲକ ଛକରେ ବନ୍ଦ ଅବସରରେ ଏକଜୁଟ ହୋଇଥିବା କଂଗ୍ରେସ ନେତୃବୃନ୍ଦ ।

**ଖଇରା,୧୫।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଖଇରା ସମେତ ଗଣ୍ଡିବେଡ, ତୁଡିଗଡିଆ, ଡୁଙ୍ଗୁରା, କୁପାରୀ, ଗରସଙ୍ଗ ବଜାରରେ ଗାଡି ଚଳଚଳ ବନ୍ଦ ରହିଥିବା ବେଳେ ଅଧିକାଂଶ ଦୋକାନ ଖୋଲା ରହିଥିଲା । ତୁଡିଗଡିଆରେ ଥିବା ବ୍ୟାଙ୍କ ଶାଖାକୁ ପରିଚାଳକ ଜାଣିଶୁଣି ବନ୍ଦ କରିଦେବା ଯୋଗୁ ଗ୍ରାହକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବ୍ଲକ କଂଗ୍ରେସ ସଭାପତି ଶରତ ଦାସଙ୍କ ନେତୃତ୍ୱରେ ଯୁବନେତା ନିରଞ୍ଜନ ପରିଡା, ବସନ୍ତ କୁମାର ପାତ୍ର, ପ୍ରଶାନ୍ତ ପାତ୍ର, ବାବାଜୀ ମହାନ୍ତି, ପ୍ରଶାନ୍ତ ଦାସ, ନରେଶ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ଅଭିମନ୍ୟୁ ପରମାଣିକ, ଜୟା ଦଳେଇ ଓ ଗୋବିନ୍ଦ ସେଠୀ ପ୍ରମୁଖ ସାମିଲ ଥିଲେ।

# ଏଥର ହେବନି ଐତିହାସିକ ସରସ୍ୱତୀ ମେଳା

**ଉଦଳା, ୧୫।୨ (ଡି.ଏନ.ଏ.)**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳା ଚଳିତବର୍ଷ ହେବ ନାହିଁ। କରୋନା କଟକଣା ଯୋଗୁ ଏଥର ମେଳାକୁ ପ୍ରଶାସନ ପକ୍ଷରୁ ଅନୁମତି ମିଳି ନ ଥିବା ମେଳା କମିଟି ସଭାପତି ସନ୍ତୋଷ ବେହେରା ଓ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି। ଉଦଳାରେ ଆୟୋଜିତ ସରସ୍ୱତୀ ମେଳା ପ୍ରାୟ ଶତାଧିକ ବର୍ଷର ବହୁ ପୁରାତନ ଐତିହାସିକ ମେଳା ବୋଲି କୁହାଯାଇଥାଏ। ହେଲେ ଏବର୍ଷ ମେଳା ବନ୍ଦ କାରଣରୁ ସମସ୍ତଙ୍କ ମନରେ ନିରୁତ୍ସାହିତ ଭାବ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। କେବଳ ଉଦଳା ସହରର ମଧ୍ୟସ୍ଥଳରେ ଦୈନନ୍ଦିନ ପୂଜା ପାଉଥିବା ସରସ୍ୱତୀ ମନ୍ଦିରରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହେବ। ସାତଦିନ ବ୍ୟାପୀ ନାମଯଜ୍ଞ, ଭଜନକୀର୍ତ୍ତନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ମନ୍ଦିର କମିଟି ସମ୍ପାଦକ କହିଛନ୍ତି।

# ପ୍ରତିରକ୍ଷା କର୍ମଚାରୀ ନେତାଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୧୫।୨**

ସର୍ବଭାରତୀୟ ପ୍ରତିରକ୍ଷା କର୍ମଚାରୀ ଫେଡେରେଶନ ସାଧାରଣ ସମ୍ପାଦକ ସି. ଶ୍ରୀକୁମାରଙ୍କ ବାଲେଶ୍ୱର ଗସ୍ତ ପରିପ୍ରେକ୍ଷୀରେ ଏଆଇଟିୟୁସି ଜିଲା କମିଟି ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଏକ ସଭା ଜିଲା ସଭାପତି ଭାଗବତ ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସି. ଶ୍ରୀକୁମାର ସମସ୍ତ ଶ୍ରମିକ କର୍ମଚାରୀ ଐକ୍ୟବଦ୍ଧ ସଂଗ୍ରାମ ଚଳାଇବା ହିଁ ସମୟର ଆହ୍ୱାନ। କୃଷକ ଆନ୍ଦୋଳନ ୮୨ ଦିନ ପରେ କେନ୍ଦ୍ର ସରକାର ୩ କୃଷି ଆଇନ୍ ପ୍ରତ୍ୟାହାର ନ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ବିଭିନ୍ନ ସଙ୍ଗଠନ ତରଫରୁ ଶ୍ରୀକୁମାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଇଏନ୍‌ଟିୟୁସି ଜିଲା କମିଟିରୁ ବିକାଶ ଦାସ, ସିଟୁ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ଭରତ ସେଠୀ, ଗୌରୀ ଦାସ, ମାୟାଧର ନାୟକ, ସେଖ ସଲ୍ଲାଉଦ୍ଦିନ୍, ଉମାକାନ୍ତ ଜେନା, ସନ୍ତୋଷ ରଣା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଦଳେଇ, ଶଶି ବେହେରା ବକ୍ତବ୍ୟ ରଖିଥିଲେ। ଗୌରାଙ୍ଗ ପାଣିଗ୍ରାହୀ ଜିଲା କମିଟିରୁ ନିଆଯାଇଥିବା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ।

# କେନ୍ଦୁଝରରେ ସବୁଠି ବନ୍ଦ

**କେନ୍ଦୁଝର/ବଡ଼ବିଲ/ ଢେଙ୍କିକୋଟ/ହାଟଡିହୀ/ପାଟଣା /ଯୋଡ଼ା/ତେଲକୋଇ, ୧୫।୨(ସ୍ୱ.ପ୍ର./ଡି.ଏନ.ଏ.)**

ପେଟ୍ରୋଲ, ଡିଜେଲ ଓ ଏଲପିଜି ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ୬ ଘଣ୍ଟିଆ ବନ୍ଦ କରାଯାଇଛି। ସୋମବାର ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏଁ ୬ ଘଣ୍ଟା ଏହି ବନ୍ଦ ପାଳନ କରାଯାଇଛି। କଂଗ୍ରେସ କର୍ମୀମାନେ ଜାତୀୟ ରାଜପଥ ବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗାନ୍ଧୀ ଛକ ନିକଟରେ କଂଗ୍ରେସ ଜିଲା ସଭାପତି ବିପ୍ଳବ ମିଶ୍ରଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର, ସଂଗ୍ରାମ ଦାସ, ସୁଢୋଲ ସେଠୀ, ସୁନେଶ ଧୀର, ପୟୋଧର ବେହେରା, ଉତ୍ତମ ସାହୁ, ରତ୍ନାକର ପାତ୍ର ସମେତ ବହୁ କଂଗ୍ରେସ ନେତା ସାମିଲ ଥିଲେ।

ବଡବିଲରେ ବନ୍ଦ ପ୍ରଭାବରେ ଯାତ୍ରୀବାହୀଯାନ, ଚାରିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲାବେଳେ କାଁ ଭାଁ ଦୁଇଚକିଆଯାନ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ଅଶୋକ ଠକର, ବିଜୟ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ବାଇକ ରାଲି କରି ବିଭିନ୍ନ ସରକାରୀ ଦପ୍ତର ଗୁଡିକୁ ପିକେଟିଂ କରି ଦଳୀୟ କର୍ମୀମାନେ ବନ୍ଦ କରିଥିଲେ।

ହାଟଡିହୀ ବ୍ଲକରେ ସଭାପତି ପ୍ରଶାନ୍ତ ସ୍ୱାଇଁ ଓ ମନୋଜ ଜେନାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ମୋଟର ସାଇକେଲ ରାଲି କରି କର୍ମୀମାନେ ବ୍ଲକ ଛକଠାରୁ ବଞ୍ଝୋ ଛକ ପର୍ଯ୍ୟନ୍ତ ଯାଇଥିଲେ। ପୂର୍ବତନ ଶାଳନିଆ ସରପଞ୍ଚ ଅନାଥ ଚରଣ ନାୟକ, ପ୍ରଦୀପ ବେହେରା,କୃଷ୍ଣ ଚନ୍ଦ୍ର ଜେନା, ରବୀନ୍ଦ୍ର ମହାପାତ୍ର ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ କର୍ମୀ ସାମିଲ ହୋଇଥିଲେ।

ଢେଙ୍କିକୋଟରେ ସମସ୍ତ ଦୋକାନ ବଜାର ବନ୍ଦ ଥିଲା। ଏହି ବନ୍ଦରେ ଢେଙ୍କିକୋଟ ଜୋନର ସଭାପତି ରାମଚନ୍ଦ୍ର ସାହୁ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଲୁଲୁ ଜେନା, ରୁଦ୍ରନାରାୟଣ ସିଂ, ଦୁଷ୍ମନ୍ତ ସିଂ, ନବଘନ ମାନସିଂ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

ପାଟଣା ବ୍ଲକ ମୁଖ୍ୟାଳୟ, ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ଓ ସାହାରପଡା ବଜାର କଂଗ୍ରେସ ପକ୍ଷରୁ ବନ୍ଦ କରାଯାଇଥିଲା। ଯୋଡା, ବାଂଶପାଣି, ବିଲେଇପଦା, ଜୁରୁଡି ଅଞ୍ଚଳରେ ଜନସାଧାରଣ ନିଜ ଆଡୁ ସମର୍ଥନ ଦେଇ ଗାଡ଼ି ଚଳାଚଳ ସମେତ ଦୋକାନ ବଜାର ବନ୍ଦ ରଖିଥିଲେ। ଯୋଡ଼ା ନଗର କଂଗ୍ରେସ କମିଟିର ସଦସ୍ୟ କରୁଣାକର ପାତ୍ରଙ୍କ ନେତୃତ୍ୱରେ ସୁବାଷ ଚନ୍ଦ୍ର ଗୋପ, ଅଙ୍କିତ କୁମାର କେସରୀ, ବିକି ଗିରି, ମଙ୍ଗଲ ହାସଦାଙ୍କ ସମେତ ବହୁ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ସେହିପରି ତେଲକୋଇ ବଣିକସଂଘ ପକ୍ଷରୁ ବିରୋଧ କରାଯାଇଥିବା ସତ୍ତ୍ୱେ ଦୋକାନ ବଜାର ଖୋଲ ରହିଥିଲା।



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

